# ନିରବ ପାଠକର ଦାବି

୧୧/୦୧/୧୯୯୯

ଇଂରାଜୀ ନୂତନ ବର୍ଷ ୧୯୯୯ରୁ ପ୍ରଥମ ଦିନରୁ 'ସମ୍ବାଦ'ର ସୀମିତ ପୃଷ୍ଠାଗୁଡ଼ିକରେ ଦଳୀୟ ରାଜନୀତି, ଯୌନଜୀବନ ଏବଂ ଅପରାଧପ୍ରବଣତା ସଂପର୍କିତ ଖବରଗୁଡ଼ିକୁ ମାତ୍ରାଧିକ ସ୍ଥାନ ନଦେଇ ସାଧାରଣ ଲୋକ ଏବଂ ନିରବ ପାଠକମାନଂକର ରୁଚି ଓ ସ୍ୱାର୍ଥକୁ ସମ୍ମାନ ଜଣାଇ ସେ ସଂପର୍କିତ ଖବରଗୁଡ଼ିକୁ ଅଗ୍ରାଧିକାର ଦେବା ପାଇଁ ସଂକଳ୍ପ ନେଇଥିଲୁ । ଅଂଜନା ମିଶ୍ରଂକର ଆଜିର ଅଭିଯୋଗ ଆମର ଏ ସଂକଳ୍ପକୁ ସିଧା ଆହ୍ୱାନ କଲାପରି ମନେ ହେଉଛି । ଆମେ ପ୍ରଥମ ସ୍ତଂଭରେ ଆଲୋଚନା କରିବା ପାଇଁ ବାଧ୍ୟ ହେଉଛୁ । କାରଣ ଅଂଜନା ମିଶ୍ର ଆଜି ଆଉ ଜଣେ ସାଧାରଣ, ଅସହାୟା, ପତିପରିତ୍ୟକ୍ତା ନାରୀ ହୋଇ ରହି ନାହାଂତି । ଗତ ଦେଢ଼ ବର୍ଷ ଭିତରେ ତାଂକୁ ଓ ତାଂକ ଅଭିଯୋଗକୁ କେନ୍ଦ୍ର କରି ଯେଉଁ ଘଟନା ପ୍ରବାହର ସୂତ୍ରପାତ ହୋଇଛି, ତାହା ଆମର ରାଜନୈତିକ ଏବଂ ସାମଗ୍ରିକ ଜୀବନକୁ, ସରକାରୀ କଳ ଓ ପୋଲିସ ବଳକୁ, ନ୍ୟାୟାଳୟ ଓ ବିଦ୍ୟାଳୟକୁ ବହୁଭାବରେ ପ୍ରଭାବିତ କରିଛି । ପୁଣି ତାଂକ ସହିତ ଘଟନା ଘଟିବା ସମୟରେ ଓ.ଟି.ଭିର ଜଣେ ସାଂବାଦିକ ବନ୍ଧୁଂକର ଉପସ୍ଥିତି ସମୁଦାୟ ଘଟନାଟିକୁ ଅଧିକ ସ୍ପର୍ଶକାତର କରିଦେଇଛି ।

ପୂର୍ବତନ ଆଡଭୋକେଟ ଜେନେରାଲଂକ କଥିତ ବଳାତ୍କାର ଅଭିଯୋଗ ନ୍ୟାୟାଳୟରେ ବିଚାରାଧୀନ ଅଛି । ଉଚ୍ଚ ନ୍ୟାୟାଳୟ ଶୁଣାଣି ପ୍ରକ୍ରିୟା ଉପରେ କୌଣସି କାରଣରୁ ସ୍ଥଗନାଦେଶ ଦେଇଛଂତି । ଏହି ସମୟରେ ଅଂଜନାଂକ ଅଭିଯୋଗ ସ୍ୱାଭାବିକ ଭାବରେ ଆମ ସମସ୍ତଂକୁ ଆଂଦୋଳିତ କରୁଛି । ଅଂଜନା ଅଭିଯୋଗ କରିଛଂତି ଯେ ତାଂକ ପ୍ରତି ଯେଉଁମାନେ ବଳାତ୍କାର କଲେ ସେମାନେ ମୁଖ୍ୟମଂତ୍ରୀ ଏବଂ ପୂର୍ବତନ ଆଡଭୋକେଟ ଜେନେରାଲଂକ ଲୋକ । ଏହା ଯଦି ସତ୍ୟ ହୋଇଥାଏ, ତାହାହେଲେ

## ଆମ ଘରର ହାଲଚାଲ

ସୌମ୍ୟ ରଂଜନ ପଟ୍ଟନାୟକ

ସାଂଘାତିକ । ମାନ୍ୟବର ମୁଖ୍ୟମଂତ୍ରୀ ଯଦି ପ୍ରଚ୍ଛନ୍ନ ଭାବରେ ବି ଏ ଘଟନା ସହିତ କାଣିଚାଏ ସଂପୃକ୍ତ ଥାଆଂତି, ତାହାହେଲେ କ୍ଷଣଟିଏ ପାଇଁ ବି ତାଂକର କ୍ଷମତାରେ ରହିବାର ଅଧିକାର ନାହିଁ । ମୁଖ୍ୟମଂତ୍ରୀ ନୂଆଦିଲ୍ଲୀରେ ଥାଇ ଜଣାଇଛଂତି ଯେ ଏହା ଏକ ଷଡ଼ଯଂତ୍ର ଏବଂ ତାଂକର ରାଜନୈତିକ ବିରୋଧୀମାନେ ଏଭଳି ଏକ ଘଟନା ଘଟାଇ ତାଂକୁ ନିଂଦିତ କରିବାକୁ ଚେଷ୍ଟା କରିଛଂତି ।

ଏଭଳି ଏକ ପରିସ୍ଥିତିରେ ନିରବ ପାଠକମାନଂକ ପ୍ରତି ଥିବା ଆମର ନୈତିକ ଦାୟିତ୍ୱ ସଂପର୍କରେ ଆମକୁ ଅଧିକ ସଚେତନ ହେବାକୁ ପଡୁଛି । ପାଠକ ଆଜି ଖବରକାଗଜର ମାଲିକ, ସଂପାଦକ ତଥା ରାଜନୈତିକ ଦଳ ଏବଂ ବ୍ୟକ୍ତିମାନଂକର ସ୍ୱାର୍ଥ ଉପରକୁ ଯାଇ ଅସଲ କଥାଟି କଣ ଜାଣିବାକୁ ଚାହୁଁଛି । ଆମେ କିଂତୁ ଦୁଃଖିତ ଯେ ପ୍ରତିପକ୍ଷମାନଂକ ବକ୍ତବ୍ୟ ଛଡ଼ା ଆଜି ଅଧିକ କିଛି କହିବା ଅବସ୍ଥାରେ ନାହୁଁ । ଓଡ଼ିଶା ସରକାର ଏବଂ ପୁଲିସ ବ୍ୟବସ୍ଥା ଉପରେ ଅଂଜନାଂକର ଭରସା ନରହିବା ସ୍ୱାଭାବିକ । କିଂତୁ ନ୍ୟାୟାଳୟରେ ବିଚାରାଧୀନ ଥିବା ଅବସ୍ଥାରେ କୌଣସି ମାମଲା ସଂପର୍କରେ ମୁଖ୍ୟମଂତ୍ରୀ ଏପରି ଏକ ପଦକ୍ଷେପ ନେବା ଅସ୍ୱାଭାବିକ ନୁହେଁ କି ? ଅଂଜନା ଅଭିଯୋଗର ଅଂତରାଳରେ ଅନେକଗୁଡ଼ିଏ ପ୍ରଶ୍ନ ଅନୁତ୍ତରିତ ହୋଇ ରହିଯାଇଛି । ନିରବ ପାଠକ ସେସବୁର ଉତ୍ତର ଚାହୁଁଛି । ଆମର ବ୍ୟବସ୍ଥା ସେସବୁର ଉତ୍ତର ଦେଇପାରିବ ବୋଲି ବିଶ୍ୱାସ ହେଉନାହିଁ । ଆବଶ୍ୟକ ପଡୁଛି ସମୁଦାୟ ଘଟନାର ଏକ ଅନାସକ୍ତ ଏବଂ ନିରପେକ୍ଷ ଅନୁସଂଧାନ ଯାହାକି ପ୍ରକୃତ ସତ୍ୟର ଉଦ୍‌ଘାଟନ କରିପାରିବ । ଆମ ବିଚାରରେ ଜଣେ ବିଚାରପତିଂକ ଦ୍ୱାରା ଅଂଜନାଂକ ସଦ୍ୟତମ ଅଭିଯୋଗର ଅନୁସଂଧାନ କରାଯାଇ ସତ୍ୟାସତ୍ୟ ନିରୂପଣ କରାଯାଉ । ନିରବ ପାଠକର ଦାବି [illegible]ଣି ଦେଲ ।